# Akashvani, Sambalpur

## SAMBALPURI NEWS EVENING BULLETIN

## 20 February 2026-7.02- 7.12 pm.

---

୧- ବିଧାନ୍‌ସଭା ନ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ୩ ଲାଖ୍ ୧୦ ହଜାର୍ କୋଟି ଟଙ୍କାର୍ ବଜେଟ୍ ଉପସ୍ଥାପନ୍ କଲେ ମୁଖ୍ୟମନ୍ତ୍ରୀ ।

- ଚଲିତ୍ ଆର୍ଥିକ୍ ବଛରେ ରାଜ୍ୟର୍ ମୋଟ୍ ଘରୋଇ ଉତ୍ପାଦ ୭ ଦଶ୍‌ମିକ୍ ୯ ପ୍ରତିଶତ୍ ହାରଥି ବୃଦ୍ଧି ଆକଲନ୍ ।

- ପୁରୀ ନ ବିଶ୍ୱସ୍ତରୀୟ ସଂଗ୍ରହାଳୟ ଆଉ ଲାଇବ୍ରେରୀ ଥାପ୍‌ନା ଲାଗି ୧ ହଜାର୍ କୋଟି ଟଙ୍କା ବ୍ୟୟବରାଦ୍ ।

- ପାର୍ବତୀ ଗିରି ବୃହତ୍ ଉଠା ଜଲ୍‌ସେଚନ୍ ପ୍ରକଳ୍ପ ଲାଗି ୨ ହଜାର୍ ୨୯ କୋଟି ଟଙ୍କା ବ୍ୟୟବରାଦ୍ ।

- ସୁଭଦ୍ରା ଯୋଜ୍‌ନା ଲାଗି ୧୦ ହଜାର୍ ଶହେ ୪୫ କୋଟି ଟଙ୍କାର୍ ପ୍ରସ୍ତାବ୍ ।

ଆଉର୍

୪- ଦକ୍ଷିଣ ପୂର୍ବ ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଘୂର୍ଣ୍ଣିବଳୟ ଆଏବା ୪୮ ଘଂଟା ଭିତ୍‌ରେ ଲଘୁଚାପ୍‌ଥି ବଦ୍‌ଲିବାର୍ ସମ୍ଭାବନା ।

ବିଧାନ୍‌ସଭା-ବଜେଟ୍            ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ  ଆଏଜ୍ ବିଧାନ୍‌ସଭା ନ ୩ ନମ୍ବର୍ ଥର୍ ବଜେଟ୍ ଉପସ୍ଥାପନ୍ କରିଛନ୍ । ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ୩ ଲାଖ୍ ୧୦ ହଜାର୍ କୋଟି ଟଙ୍କା ବଜେଟ୍ ଉପସ୍ଥାପନ୍ କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପ୍ରଗତିଶୀଳ ନେତୃତ୍ୱଥି ଭାରତ୍ ବିଶ୍ୱର୍ ୪ ନମ୍ବର୍ ବଡ଼୍ ଅର୍ଥନୀତି ହେଇପାରିଛେ । ଅନ୍ନଦାତାଙ୍କର୍ ପରିଶ୍ରମ୍ ଲାଗି ଶସ୍ୟଭଣ୍ଡାର୍ ଭର୍‌ପୁର୍ ରହେବାର୍ ସହେତେ ଗ୍ରାମୀଣ୍ ଇଲାକାର୍ ସମୃଦ୍ଧି ବର୍‌କସ୍ ହେଇପାରିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗଲାବଛର୍‌ଠାନୁ ଇଥର ରାଜ୍ୟ ବଜେଟ୍‌ର ପରିମାଣ୍ ୬ ଦଶ୍‌ମିକ୍ ୯ ପ୍ରତିଶତ୍ ବଢ଼ିଛେ । ଇ ବଛର୍ ରାଜ୍ୟର୍ ମୋଟ୍ ଘରୋଇ ଉତ୍ପାଦ-ଜିଏସ୍‌ଡିପି ୧୧ ଲାଖ୍ ୭ କୋଟି ଟଙ୍କା ଆକଲନ୍ କରାଯାଇଛେ । ନାମମାତ୍ର ଅଭିବୃଦ୍ଧି ଲାଭ ୧୨ ପ୍ରତିଶତ୍ ଲକ୍ଷ୍ୟ ରହିଛେ ବଲି ମୁଖ୍ୟମନ୍ତ୍ରୀ ବଜେଟ୍ ଅଭିଭାଷଣ୍‌ଥି କହିଛନ୍ ।

ଇ ବଛର୍ ବଜେଟ୍‌ଥି ରାଜ୍ୟ ସର୍‌କାର୍ ବିକଶିତ୍ ଭାରତ୍ ଜି ରାମ୍‌ଜି ଯୋଜ୍‌ନା ଲାଗି ୫ ହଜାର୍ ୫ ଶହ ୭୫ କୋଟି ଟଙ୍କାର୍ ବ୍ୟବସ୍ଥା କରିଛନ୍ । ସମୃଦ୍ଧ ଅଙ୍ଗନ୍‌ବାଡ଼ି ଯୋଜ୍‌ନା ଲାଗି ୬ ଶହ

୩୫ କୋଟି, ପୁର୍ଥିର୍ ସବୁନୁ ବଡ଼ ଶସ୍ୟ ଗୁଦାମ୍ ଯୋଜ୍ନା ଲାଗି ୨ ଶହ ୪୦ କୋଟି, ଶହେ ଟା ଆଦର୍ଶ ମଣ୍ଡି ଲାଗି ଶହେ କୋଟି, ରେୟାର୍ ଆର୍ଥ କରିଡ଼ର୍ ଲାଗି ୧୦ କୋଟି, ରାଜ୍ୟ ଏଆଇ ମିଶନ୍ ଲାଗି  ୨୩ କୋଟି ଆଉ ଟୁରିଜିମ୍ ଜମି ବେଙ୍କ୍ ଯୋଜ୍ନା ଲାଗି ଶହେ ୫୦ କୋଟି ଟଙ୍କା ବ୍ୟବସ୍ଥା କରିଛନ୍ ।

ସର୍କାର୍ ଇ ବଛର୍ ପ୍ରଶାସନିକ୍ ଖର୍ଚ୍ଚା ଲାଗି ୧ ଲାକ୍ ୧୦ ହଜାର୍ କୋଟି ଟଙ୍କାର୍ ବ୍ୟବସ୍ଥା କରିଛନ୍ । ଶ୍ରୀ ଜଗନ୍ନାଥ୍ ସଂଗ୍ରହାଲୟ ଆଉ ଲାଇବ୍ରେରୀ କେନ୍ଦ୍ର ଲାଗି ୧ ହଜାର୍ କୋଟି ଟଙ୍କା, ରତ୍ନଭଣ୍ଡାର୍ ଗନ୍‌ତିମନ୍‌ତି ଲାଗି ୫ କୋଟି ଟଙ୍କାର୍ ପ୍ରସ୍ତାବ୍ ଦେବାର୍ ସହେତେ ଶ୍ରୀ ଜଗନ୍ନାଥ୍ ମନ୍ଦିର୍ ଲାଗି ସମର୍ପଣ୍ ନାଁଥି ଗୁଟେ ଅନ୍‌ଲାଇନ୍ ଡିଜିଟାଲ୍ ହୁଣ୍ଡି ଖୁଲ୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବଜେଟ୍‌ଥି ଘୋଷ୍‌ନା କରିଛନ୍ ।

ଆଏବା ଆର୍ଥିକ୍ ବଛ୍‌ରେ ୩ ଲାଖ୍ ୩୩ ହଜାର୍ ହେକ୍ଟର୍ ଜମିକେ ପ୍ରଯୁକ୍ତିବିଦ୍ୟା ଆଧାରିତ୍ ଜଲ୍‌ସେଚନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ପାର୍ବତୀ ଗିରି ବୃହତ୍ ଉଠାଜଲସେଚନ୍ ପ୍ରକଳ୍ପ ଲାଗି ବଜେଟ୍‌ଥି ୨ ହଜାର୍ ୨୯ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ୨୦୨୯ ମସିହାତକ୍ ୧୫ ହଜାର୍ ହେକ୍ଟର୍ ଜମିକେ ଅତିରିକ୍ତ ଜଲସେଚନ୍ ଲକ୍ଷ୍ୟ ରଖାଯାଇଛେ ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ । ସମବାୟ ଋଣ ରିହାତି ସାହାଜ୍‌ଥି ଚାଷୀମାନ୍‌କୁ

ବର୍କସ୍ କର୍ବାର୍ ଲାଗି ସର୍କାର୍ ସଂକଳ୍ପ ବଦ୍ଧ ଆନ୍ । ଆଏବା ଆର୍ଥିକ୍ ବଛ୍ରେ ୩୮ ଲାଖ୍ ଚାଷୀଙ୍କୁ ୨୧ ହଜାର୍ କୋଟି ଟଙ୍କା ଫସଲ୍ ଋଣ ଦେବାର୍କେ ସର୍କାର୍ ଲକ୍ଷ୍ୟ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଇ ବଛର୍ ବଜେଟ୍‌ଥି ଦୁର୍ଗମ୍ ଇଲାକାକେ ଯୋଗାଯୋଗ୍ ଲାଗି ହଜାରେ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଖେପ୍ ଖେପ୍ କରି ବର୍ଗଡ୍-ଝାର୍ସୁଗୁଡ଼ା-ସମ୍ବଲପୁର, ବ୍ରହ୍ମପୁର-ଛତ୍ରପୁର୍-ଗୋପାଲ୍‌ପୁର୍ ଆଉ ଜୟପୁର୍-କୋରାପୁଟ-ସୁନାବେଡ଼ାକେ ଅର୍ଥନୈତିକ କରିଡ଼ର୍ ଭାବେ ବିକଶିତ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ ।

(ଭଏସ୍ ଓଭର୍-ମୁଖ୍ୟମନ୍ତ୍ରୀ)

ମହିଲାମାନ୍‌କର୍ ବିକାଶକେ ନଜର୍‌ଥି ରଖିକରି ସୁଭଦ୍ରା ଯୋଜ୍‌ନା ଲାଗି ଇ ବଛର୍ ବଜେଟ୍‌ଥି ୧୦ ହଜାର୍ ଶହେ ୪୫ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଇଥି ୧ କୋଟିନୁ ଅଏଟ୍‌କା ମହିଲା ଉପକୃତ୍ ହେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେନ୍ତା ଆଝିରର୍ ବଜେଟ୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜ୍‌ନା ନାଁଥି ଗୁଟେ ନୂଆଁ ଯୋଜ୍‌ନା ଘୋଷ୍‌ନା କରିଛନ୍ ।

ଇଥି ଗରିବ୍ ଟୁକେଲ୍ ମାନ୍‌କର୍ ନାଁଥି ୨୦ ହଜାର୍ ଟଙ୍କା ସଂଚୟ ଉପକରଣ୍ ରଖାଯିବା । ସ୍ନାତକ ପାଠ୍ ପଢ଼ିସାର୍‌ଲା ଉତ୍‌ରୁ ସେମାନ୍‌କୁ ଲାଖେ ୧ ଟଙ୍କା ଯୁଗେଇ ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ବଛର୍ ମିଶନ୍ ଶକ୍ତି ବିଭାଗ୍ ଲାଗି ରାଜ୍ୟ ବଜେଟ୍‌ଥି ୨ ହଜାର୍ ୮ ଶହ ୪ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଗ୍ରାମୀଣ ଜୀବିକା ମିଶନ୍ ଲାଗି ୧ ହଜାର୍ ୩ ଶହ ୩୩ କୋଟି ଟଙ୍କାର୍ ବ୍ୟବସ୍ଥା କରାଯାଇଛେ ।

ଇ ବଛର୍ ବଜେଟ୍‌ଥି ମୁଖ୍ୟମନ୍ତ୍ରୀ ଛୁଆମାନ୍‌କର୍ ସୁରକ୍ଷାକେ ମଜ୍‌ବୁତ୍ କର୍‌ବାର୍ ଲାଗି ୨୩ ଟା ଜିଲ୍ଲା ମୁଖ୍ୟାଲୟ ନ ସମନ୍ୱିତ ବାତ୍ସଲ୍ୟ ସଦନ୍ ତିଆର୍ କର୍‌ବାର୍‌କେ ଘୋଷ୍‌ନା କରିଛନ୍ । ଇତାର୍ ଜରିଏ ଶିଶୁ ଗୃହ ଆଉ ଶିଶୁ କଲ୍ୟାଣ୍ କମିଟି ଲାଗି ୬୨ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ସ୍ୱାସ୍ଥ୍ୟ ବିଭାଗ୍ ଲାଗି ଇ ବଛର୍ ବଜେଟ୍‌ଥି ୨୩ ହଜାର୍ ଶହେ ୮୨ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ସ୍ୱାସ୍ଥ୍ୟ ବଜେଟ୍‌କେ ୭ ଦଶ୍‌ମିକ୍ ୫ ପ୍ରତିଶତ୍ ବଢ଼ାଯାଇଛେ । ରାଏଜେ ୫ ଟା ମେଡ଼ିକାଲ୍ କଲେଜ୍ ଲାଗି ଶହେ ୪୦ କୋଟି ଟଙ୍କାର୍ ପ୍ରସ୍ତାବ୍ ଦିଆଯାଇଛେ ।

ଗଜପତି, ମାଲ୍‌କାନ୍‌ଗିରି ଆଉ ରାୟଗଡ଼ା ନ ଆୟୁର୍ବେଦିକ୍ ମେଡ଼ିକାଲ୍ କଲେଜ୍ ଆଉ ନୟାଗଡ଼୍ ଆଉ ନୂଆପଡ଼ା ନ ୨ ଟା ହୋମିଓପାଥି ମେଡ଼ିକାଲ୍ କଲେଜ୍ ଥାପ୍‌ନା ଲାଗି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ସେନ୍ତା ଆୟୁଷ୍ମାନ୍ ଭାରତ୍, ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଲାଗି ଇ ବଛର୍ ବଜେଟ୍‌ଥି ୪ ହଜାର୍ ୨ ଶହ ୭୯ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ଲାଗି ୧ ହଜାର୍ ୯ ଶହ ୫୮ କୋଟି, ନିରାମୟ ଲାଗି ୬ ଶହ ୮୭ କୋଟି ଆଉ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ୍ ଲାଗି ୫ ହଜାର୍ ୮ କୋଟିର୍ ବ୍ୟବସ୍ଥା କରାଯାଇଛେ । ଓଡ଼ିଶା କର୍କଟ ଚିକିତ୍ସା ଯୋଜ୍‌ନାର୍ ନାଁ ବଦ୍‌ଲେଇକରି ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ୍ ରଖ୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ଇଥିର୍‌ଲାଗି ଇ ବଜେଟ୍‌ଥି ୩ ଶହ ୧୧ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ । ଆଏବା ୨ ବଛର୍ ଭିତ୍‌ରେ ଡାକ୍ତରୀ ପିଜି ସିଟ୍ ୫ ଶହ ଟା ବଢ଼ାବାର୍‌କେ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ୍ ଦେଇଛନ୍ ।

ବଲାଙ୍ଗିର୍ ଆଉ ପାରାଦ୍ୱୀପ୍‌ନ ଆଉ ୨ ଟା ସର୍‌କାରୀ ଇଞ୍ଜିନିୟରିଂ କଲେଜ୍ ଥାପ୍‌ନା କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ବଜେଟ୍‌ଥି ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ଉତ୍କର୍ଷ ଆଇଟିଆଇ

ଯୋଜ୍‌ନା ଲାଗି ୫ ଶହ କୋଟି ଟଙ୍କା ବ୍ୟୟବରାଦ୍ କରିଛନ୍ । ଏମ୍‌ଏସ୍‌ଏମ୍‌, ଶିଳ୍ପ କ୍ଷେତ୍ରର୍ ଲାଗି ୧ ହଜାର୍ ୯ ଶହ ୭୦ କୋଟି ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ ।

ସମ୍ବଲପୁରର୍ ଜମାଦାର୍‌ପାଲି, ବଲାଙ୍ଗିର୍ ଜିଲ୍ଲାର୍ ତୁଷ୍‌ରା, ନୂଆପଡ଼ା ଜିଲ୍ଲାର୍ ଗୋତମା ସହେତେ ଭିନ୍ ଭିନ୍ ବିମାନ୍ ପଡ଼ିଆର୍ ବିକାଶ୍ ଲାଗି ବଜେଟ୍‌ଥି ୫ ଶହ ୧୧ କୋଟି ଟଙ୍କାର୍ ପ୍ରସ୍ତାବ୍ ଦିଆଯାଇଛେ ।

ବଜେଟ୍ ଅଧିବେଶନ୍      ଆଇ.ଆଣ୍ଡ୍.ପି.ଆର୍

ବଜେଟ୍ ଅଧିବେଶନ୍‌ର ୪ ନମ୍ବର୍ ଦିନେ ଆଏଜ୍ ଭିଲ୍ ଧାନ୍ ଘିନା ଆଉ ଚାଷୀ ପ୍ରସଙ୍ଗକେ ନେଇକରି ବିରୋଧୀ ସଦସ୍ୟମାନେ ଗଗାକିର୍ଲା କରିକରି ବାର୍‌ବାର୍ କକ୍ଷତ୍ୟାଗ କରିଥିଲେ । ବିରୋଧୀଙ୍କର୍ କିର୍ଲାଗଗାର୍ ଲାଗି ଗୃହ ପରିଚାଳନାଥି ଅସୁବିଧା ଦେଖାଦେବାର୍‌ନୁ ବାଚସ୍ପତି ସୁରମା ପାଢ଼ୀ ସର୍ବଦଳୀୟ ବୈଠକ୍ ଡାକିଥିଲେ । ତାର୍ ଉତ୍‌ରୁ ଭିଲ୍ ଗୃହ ନ କେନ୍‌ସି ପରିବର୍ତନ୍ ନାଇଁ ଦେଖାଦେବାର୍‌ନୁ ଉପର୍‌ବେଲା ୪

ବଜେଟକ୍ ଗୃହକେ ମୁଲ୍ତବୀ ରଖାଯାଇଥିଲା । ୪ ବଜେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବଜେଟ୍ ଉପସ୍ଥାପନ୍ କର୍‌ବାର୍ ବେଲେ ଭିଲ୍ ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୧ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି

ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ସିଭିଲ୍ ସର୍ଭିସ୍ ପରୀକ୍ଷା- ତୃତୀୟଲିଙ୍ଗି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ସବୁ ସର୍‌କାରୀ ବିଭାଗ୍ ଆଉ ନିଗମ୍ ମାନ୍‌କର୍ ନିଯୁକ୍ତି ପ୍ରକ୍ରିୟାଥି ତୃତୀୟ ଲିଙ୍ଗ ବିକଳ୍ପ ସୁନିଶ୍ଚିତ୍ କର୍‌ବାର୍‌କେ ସାମାଜିକ୍ ସୁରକ୍ଷା ଆଉ ଭିନ୍ନକ୍ଷମ ସଶକ୍ତିକରଣ୍ ବିଭାଗ୍‌କେ ଓଡ଼ିଶା ମାନବାଧିକାର୍ କମିଶନ୍‌ଙ୍କର୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ସର୍‌କାର୍‌ଙ୍କୁ ଇ ନିର୍ଦ୍ଦେଶାବଳୀର୍ ଅନୁପାଳନ୍‌ର ରିପୋର୍ଟ ୬୦ ଦିନ୍ ଭିତ୍‌ରେ ଦାଖଲ୍ କର୍‌ବାର୍‌କେ କମିଶନ୍‌ଙ୍କର୍ ତର୍‌ଫୁ କୁହାଯାଇଛେ । ଓଡ଼ିଶା ସିଭିଲ୍ ସର୍ଭିସେସ୍ ପରୀକ୍ଷା ୨୦୨୫ ବିଜ୍ଞପ୍ତିଥି ସଂଶୋଧନ୍ କରିକରି ଆବେଦନ୍ ଫର୍ମଥି ତୃତୀୟ ଲିଙ୍ଗ ବିକଳ୍ପ ଜୁଡ଼ାଯାଇଛେ । ଇ ବର୍ଗର୍ ପ୍ରାର୍ଥୀମାନ୍‌କୁ ପରୀକ୍ଷାଥି ସୁଯୋଗ୍ ଦେବାର୍ ଲାଗି ପଞ୍ଜିକରଣ୍ ଆଉ ଆବେଦନ୍ ଅବଧିକେ ବଢ଼ାଯାଇଛେ ।

ରାଜ୍ୟ ବେଡ଼ମିଂଟନ୍ ଏକାଡେମୀ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଡାଲ୍‌ମିଆ ଭାରତ୍ ପୁଲେଲା ଗୋପିଚାନ୍ଦ ବେଡ଼ମିଂଟନ୍ ହାଇ ଫର୍‌ଫର୍‌ମାନ୍ସ ସେଂଟର୍ ନ ଏପ୍ରିଲ୍ ୧ ତାରିଖ୍‌ନୁ ଓଡ଼ିଶା ରାଜ୍ୟ ବେଡ଼ମିଂଟନ୍ ଏକାଡେମୀ କାର୍ଯ୍ୟକ୍ଷମ୍ ହେବା । ବେଡ୍‌ମିଂଟନ୍ ଏକାଡେମୀକେ ନେଇକରି ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ପି. ଗୋପିଚାନ୍ଦ୍ ଭିଲ୍ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ବେଡ଼ମିଂଟନ୍ ଏକାଡେମୀର୍ ବାର୍ଷିକ୍ କାମ୍‌କାଜ୍ ତାଲିମ୍ ଆଉ ଅନୁସଙ୍ଗିକ୍ ଖର୍ଚ୍ଚା ବାବ୍‌ଦେ ଆଲୋଚନା କରାଯାଇଥିଲା ।

ବିଶ୍ୱ ସାମାଜିକ ନ୍ୟାୟ ଦିବସ୍ ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଯଦୁମଣି ଅଡିଟୋରିୟମ୍ ନ ଜିଲ୍ଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି

ଜିଲ୍ଲାପାଳ୍ ଆଦିତ୍ୟ ଗୋଏଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁନୁଷ୍‌କର୍ ଭିତ୍‌ରେ ଶାନ୍ତି, ସହାବସ୍ଥାନ୍ ଥାପ୍‌ନା କର୍‌ବାର୍‌ଥି ସାମାଜିକ୍ ନ୍ୟାୟର୍ ବଡ଼ ଭୂମିକା ରହିଛେ ବଲି କହିଛନ୍ । ସମ୍ମାନିତ୍ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ୍ ପ୍ରହ୍ଲାଦ୍ ସହାୟ ମୀନା ଯୋଗ୍ ଦେଇଥିଲେ ।

ସର୍‌କାରୀ ଓକିଲ ମନୋନୀତ    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ଥିବା ସବୁ କୋର୍ଟ ନ ସର୍‌କାରୀ ଓକିଲ୍ ମାନ୍‌କୁ ମନୋନୀତ୍ କରାଯାଇଛେ । ଜିଲ୍ଲା ଦୌରା ଜଜ୍ କୋର୍ଟ ନ ସର୍‌କାରୀ ଓକିଲ୍ ଭାବେ ବରିଷ୍ଠ ଆଇନ୍‌ଜୀବୀ ମୁରଲୀଧର୍ ପଣ୍ଡା, ସ୍ୱତନ୍ତ୍ର ଏନ୍‌ଡିପିଏଏସ୍ ଭାବେ ଚନ୍ଦ୍ରଧ୍ୱଜ ସାହୁ ପ୍ରମୁଖ ମନୋନୀତ୍ ହେଇଛନ୍ ।

ପାଣିପାଗ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ କମିଛେ । ଆଏବା ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ

ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଆଏଜ୍ ରାଜ୍ୟର୍ ବଡ଼ଭାଗୀ ସହରେ ଦିନର୍ ତାପମାତ୍ରା ୩୦ ଡିଗ୍ରୀ ଉପ୍ରେ ରହିଥିଲା । ଝାର୍ସୁଗୁଡ଼ା ନ ଆଏଜ୍ ଦିନର୍ ସବୁନୁ ଜହ ତାତି ୩୨ ଦଶ୍ମିକ୍ ୨ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ଼ କରାଯାଇଛେ ।

ସେଆଡ଼େ ଭାରତ୍ ମହାସାଗର୍ ଆଉ ତାର୍ ପାଖର୍ ଦକ୍ଷିଣ-ପଶ୍ଚିମ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଆଏବା ୨୪ ଘଂଟା ଭିତ୍ରେ ଇଟା ପଶ୍ଚିମ- ଉତର୍ ପଶ୍ଚିମ ଦିଗ୍କେ ବଢ଼ିକରି ଶ୍ରୀଲଙ୍କା ଆଡ଼୍କେ ମୁହାଁବା । ଆଏବା ୪୮ ଘଂଟା ଭିତ୍ରେ ଘୂର୍ଣ୍ଣିବଳୟ ଲଘୁଚାପ୍ ହେବା ବଲି ପାଣିପାଗ୍ କେନ୍ଦ୍ର ତର୍ଫୁ କୁହାଯାଇଛେ ।